ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.203 Bhubaneswar Wednesday September 20 2023 | ୨୬ତମ ବର୍ଷ ସଂଖ୍ୟା-୨୦୩ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଟ୍ରକ୍ ଚ଼କା ଚ଼ଳେ ଚ଼ାପି ହୋଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ



ଭୁବନେଶ୍ୱର,୧୯।୯(ପି.ଏନ): ଟ୍ରକ୍ ଚ଼କା ଚ଼ଳେ ଚ଼ାପି ହୋଇ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ। ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପୂର୍ବରୁ ଆଜି ଅପରାହ୍ଣରେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା କଳାହାଣ୍ଡି ଜିଲ୍ଲାରେ ଘଟିଛି। ତେବେ ଅନ୍ୟ ୬ ଜଣ ଗୁରୁତର ଆହତ ହୋଇ ମେଡିକାଲ୍‌ରେ ଚ଼ିକିତ୍ସିତ ହେଉଛି। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି। ନୂଆଁଖାଇ ପାଇଁ ଥୁଆମୁଲ୍-ରାମପୁର ଥାନା କାଠକୁରା ଗାଁର ପଦୁସର ନାଏକ ନିଜ ପରିବାର ଲୋକଙ୍କ ସହ ଅଟୋରେ ଧର୍ମଗଡ ଥାନା ଛିଲପା ଗାଁରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ହେଲେ ଅଟୋଟି ଜୁନାଗଡ଼ ଥାନା ଦାସୀ ଗାଁ ନିକଟରେ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲା। ସାମ୍ନାରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଯାହାଫଳରେ ଅଟୋଟି ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ପଦୁସର ନାଏକ, ତାଙ୍କ ପୁଅ କୃଷ୍ଣ ନାଏକ ଓ ପୁତୁରା ଅମୃତସର ନାଏକଙ୍କ ମୃତ୍ୟୁ ଘଟିଥିଲା।

## ଗଣେଶ ପୂଜାରେ ଘଟିଲା ଅଘଟଣ : ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସିଲେ ୩ ଜଣ ଛାତ୍ର

କଟକ,୧୯।୯(ପି.ଏନ): ଆଜି ହେଉଛି ପବିତ୍ର ଗଣେଶ ପୂଜା । ଏହି ଗଣେଶ ପୂଜାରେ ଘଟିଛି ଏକ ବଡ ଅଘଟଣ । କଟକର ଏକ ଘରୋଇ ବିଦ୍ୟାଳୟର ୩ଜଣ ଛାତ୍ର ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସିଛନ୍ତି । ଏଥିରେ ଜଣଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ଦୁଇ ଜଣ ଛାତ୍ର ଗୁରୁତର ହୋଇଛନ୍ତି ।ସୂଚ଼ନା ଅନୁସାରେ, ନରାଜର ଏକ ଘରୋଇ ବିଶ୍ୱ ବିଦ୍ୟାଳୟର ଛାତ୍ରମାନେ ଏକ ଟ୍ରାକ୍ଟରେ ଗଣେଶ ପୂଜା ପାଇଁ ଗଣେଶ ମୂର୍ତ୍ତି ନେଉଥିଲେ । ଏହି ସମୟରେ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ୩ଜଣ ଛାତ୍ର ଆସିଥିଲେ । ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତ ଆହାତ ହୋଇଛନ୍ତି ।ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଚ଼ିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଉଭୟ ଗୁରୁତରଙ୍କ ଅବସ୍ଥା ସଂକଟାପନ୍ନା ଥିବାର ଡାକ୍ତର କହିଛନ୍ତି ।



କେନ୍ଦ୍ର ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀ ଓଡ଼ିଶା ପ୍ରସିଦ୍ଧ ଖଣ୍ଡୁଆ ପାଟ ପରିଧାନ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ସମୃଦ୍ଧ ଐତିହ୍ୟର ପ୍ରୋତ୍ସାହନ ଓ ସଂରକ୍ଷଣ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।




ନୂଆଁଖାଇ-୨୦୨୩ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ, ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-34
15001/13/0139/2324



ଓଡ଼ିଶା ସରକାର



ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଜୁହାର

ଆପଣମାନ୍‌କେ ସମସ୍ତଙ୍କେ ମୋର ନୂଆଁଖାଇ ଜୁହାର । ଆପଣ ଓ ଆପଣଙ୍କର୍ ପରିବାର୍‌କେ ମା' ସମଲେଇ ଭଲ୍‌ରେ ରଖୁନ୍ ।
ମା'କେ ଇଟା ମୋର୍ ଗୁହାରୀ ।
ଜୁହାର

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

DADLS-34
15001/13/0139/2324





'ନୂଆଁଖାଇ' ଅବସରରେ
ବାର୍ତ୍ତା

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ଏ କୃଷିଭିତ୍ତିକ ଗଣପର୍ବ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା'ସମଲେଶ୍ୱରୀଙ୍କ ଅପାର କରୁଣାରୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-34
15001/13/0139/2324



ADITYA BIRLA
HINDALCO

Aditya Aluminium

(A Unit of Hindalco Industries Ltd.)

*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

Registered Office
Ahura Centre,1st Floor,B Wing,
Mahakali Caves Road
Andheri (East), Mumbai- 400093
Tel: (91-22) 66917000,Fax: (91-22) 66917001

Aditya Aluminium
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499









# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଟିକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆର୍କର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପଶ୍ଚିମ ଓଡ଼ିଶାର ଗଣପର୍ବ-ନୂଆଖାଇ


ରମେଶ ଚନ୍ଦ୍ର ନାୟକ

ଜନସାଧାରଣଙ୍କ ମନରେ ଭକ୍ତିଭାବର ଉଦ୍‌ରେକ କରିବା ନିମନ୍ତେ ଆଦିମ କାଳରୁ ଅଦ୍ୟାବଧି ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଆସୁଛି । ସାମାଜିକ ବ୍ୟବସ୍ଥା ମଧ୍ୟରେ ସେହି ପର୍ବଗୁଡ଼ିକ କେତେକ କୃଷି ଭିତ୍ତିକ ଓ କେତେକ ଋତୁ ଭିତ୍ତିକ ଭାବରେ ଅଭିହିତ ହୋଇଥାଏ । ପବିତ୍ର ନୂଆଖାଇ ପର୍ବ ହେଉଛି ପଶ୍ଚିମ ଓଡ଼ିଶାର ଏକ କୃଷିଭିତ୍ତିକ ପ୍ରଧାନ ଗଣପର୍ବ । ଓଡ଼ିଶାରେ ପାର୍ବଣର ଋତୁ ସହ ଆସିଛି ନୂଆଖାଇ । ଭାଇଚାରା ଓ ସୌହାର୍ଦ୍ଦ୍ୟର ପବିତ୍ର ପର୍ବ ନୂଆଖାଇ ପାଇଁ ଦେଶ ବିଦେଶରୁ ଫେରି ଆସନ୍ତି ବାସିନ୍ଦା । ଇଷ୍ଟଦେବୀ , କୁଳଦେବୀଙ୍କ ଠାରେ ନବାନ୍ନ ଲାଗିବା ପରେ ଏକାନ୍ନବର୍ତ୍ତୀ ପରିବାର , ଜାତିସମାଜ, ଗାଁ ତଥା ଅନୁଷ୍ଠାନ ଭିତ୍ତିରେ ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି । ପୂର୍ବ ରାଗରୋଷକୁ ଭୁଲି ହୁଅନ୍ତି ' ଜୁହାର ' ଭେଟଭାଟ୍ । ନିଜଠୁ ବଡଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଓଡ଼ିଶାରେ ବିଶେଷକରି ପଶ୍ଚିମାଞ୍ଚଳରେ ଘରେ ଘରେ ନୂଆଖାଇର ମହକ ବିଚ୍ଛୁରିତ ହେବାରେ ଲାଗିଛି । ପ୍ରକୃତି ତଥା ଦିବ୍ୟସତ୍ତାଙ୍କ ପ୍ରତି କୃତଜ୍ଞତାର ଏହି ପର୍ବ ବାସ୍ତବରେ ସଭିଙ୍କ ମନରେ ଭରିଦିଏ ଭାଇଚାରାର ବାତାବରଣ । ବିଶ୍ୱର ଆଦିମ କୃଷିଭିତ୍ତିକ ଏହି ମହାନ ଗଣପର୍ବ ' ନୂଆଖାଇ ' ଓଡ଼ିଶାର ପଶ୍ଚିମାଞ୍ଚଳରେ ଶ୍ରଦ୍ଧା ସହକାରେ ପାଳିତ ହୋଇଥାଏ । ପ୍ରତିବର୍ଷ ଗଣେଶ ଚତୁର୍ଥୀର ପରବର୍ତ୍ତୀ ଦିନ ଅର୍ଥାତ୍ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମହାସମାରୋହରେ ଏହା ପାଳନ କରାଯାଇଥାଏ । ନୂତନ ଭାବରେ ଉତ୍ପାଦିତ ଶସ୍ୟକୁ ଦେବାଦେବୀଙ୍କୁ ସମର୍ପଣ କରାଯିବା ପରେ ଶ୍ରଦ୍ଧାର ସହିତ ନିଜେ ଭକ୍ଷଣ କରିବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଜନମାନସରେ ପ୍ରକାଶ ପାଉଥିବା ଆନନ୍ଦ ଉଲ୍ଲାସର ରୂପାନ୍ତର ହେଉଛି ' ନୂଆଖାଇ ' ପର୍ବର ଅନୁଚିନ୍ତା । ଯଦିଓ ବହୁ ପ୍ରାଚୀନ କାଳରୁ ଲୋକମୁଖରେ ଏହି ପର୍ବ ପାଳିତ ହୋଇଆସୁଛି , ମାତ୍ର ସାମ୍ପ୍ରତିକ ଯୁଗରେ ଏହି ପର୍ବର ଗଣମାଧ୍ୟମରେ ପ୍ରସାର ଅଧିକ ଲୋକପ୍ରିୟତା ହାସଲ କରିପାରିଛି । ଉକ୍ତ ଦିନରେ ସରକାରୀ ଛୁଟି ଘୋଷଣା ଏହି ପର୍ବକୁ ଅଧିକ ମହିମାନ୍ୱିତ କରିବା ସଙ୍ଗେ ସଙ୍ଗେ ଲୋକମାନେ ଆନନ୍ଦ ସହକାରେ ଏହାକୁ ପାଳନ କରିବାରେ ସୁବିଧା ସୁଯୋଗ ପାଇଥାନ୍ତି । ନୂଆଖାଇ ଦିନ ପୂଜା ସାମଗ୍ରୀ ଦୀପ , ଧୂପ , ଫୁଲ , କ୍ଷୀର ଆଦି ନେଇ ଚାଷୀ ବଡ଼ି ଭୋରରୁ ଧାନ କ୍ଷେତକୁ ଯାଇଥାଏ । ଧାନ କ୍ଷେତକୁ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିବା ପରେ କ୍ଷୀରରେ ଧୋଇ ଏହିଭଳି ସୁନା ଫସଲଘରକୁ ଆସୁ ବୋଲି ମନାସିଥାନ୍ତି । ଘରକୁ ଯାଇ ଗାଈ ବଳଦ ମାନଙ୍କୁ ଗାଧୋଇ ଫୁଲ ଚନ୍ଦନରେ ପୂଜା କରନ୍ତି । ନୂଆ ଶସ୍ୟରେ ଖିରି , ପିଠା ଆଦି ପ୍ରସ୍ତୁତ କରାଯାଏ । ଇଷ୍ଟଦେବୀଙ୍କୁ ଘରର ମୁରବିମାନେ ଭୋଗ ଲାଗି କରିବା ପରେ ପରିବାରର ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି । ଏହି ପର୍ବର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏଥିରେ ପ୍ରକୃତି ଓ ବୃକ୍ଷଲତାକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ପ୍ରକାର ଯଥା ମହୁଲ , କୁଳେଇ, ସରଗୀ ପତ୍ରରେ ତିଆରି ଖଲି ବା ଦନାରେ ପରିବାରର ସମସ୍ତେ ଏକାଠି ନବାନ୍ନ ଖାଇଥାନ୍ତି । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ , ପାଟଣାଗଡରେ ପାଟଣେଶ୍ୱରୀ , ଭବାନୀପାଟଣାରେ ମାଣିକେଶ୍ୱରୀ ତଥା ଅନ୍ୟ ସ୍ଥାନ ସମୂହରେ ପୂଜିତ ଅଧିଷ୍ଠିତ ଦେବାଦେବୀ ଏବଂ ସମସ୍ତ ଦେବାଳୟରେ ନୂତନ ଶସ୍ୟର ଅନ୍ନ ସମର୍ପଣ କରାଯିବା ପରେ ଲୋକେ ପରିବାରବର୍ଗଙ୍କ ସହିତ ମିଳିତ ଭାବରେ ପ୍ରସାଦ ସେବନ କରିଥାନ୍ତି । ତା' ଫଳରେ ବସୁଧୈବ କୁଟୁମ୍ବକମ୍ ସଦୃଶ ପରିକଳ୍ପନା କରାଯାଇଥାଏ । ଅର୍ଥାତ୍ ସମଗ୍ର ବସୁଧାରେ ଏକ ପରିବାର ମନ୍ତ୍ରର ପରିପ୍ରକାଶ ଘଟିଥାଏ । ସାମ୍ପ୍ରତିକ ସମୟରେ ନୂଆଖାଇର ପୂର୍ବଭଳି ମଜା ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ବହୁ ଆଗରୁ ସଜବାଜ ଆରମ୍ଭ ହେଉଥିଲା ବେଳେ ନବାନ୍ନ ଭକ୍ଷଣ ପରେ ଧନୀ - ଗରିବ ନିର୍ବିଶେଷରେ ପ୍ରତି ଘରେ ଏକ ବଡ଼ ଭୋଜିର ଆୟୋଜନ ହେଉଥିଲା । ବାହାଘର ଆଦିକୁ ଛାଡିଦେଲେ ସେଇଭଳି ଭୋଜି ପାଇଁ ପ୍ରାୟ ସମସ୍ତେ ଅପେକ୍ଷା କରି ରହୁଥିଲେ । ଦୂରଦୂରାନ୍ତରେ ରହୁଥିବା ଜ୍ଞାତିକୁଟୁମ୍ବ ଧାଇଁ ଆସୁଥିଲେ । ସେତେବେଳେ ପରିବାର କହିଲେ ଅଜାଙ୍କ ଭାଇମାନଙ୍କ ପରିବାର ସହିତ ନାତି ଅଣନାତି ପର୍ଯ୍ୟନ୍ତ ଏକ ପାରିବାରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଥିଲା ।ନୂଆଖାଇ ବେଳେ ଘରମାନଙ୍କରେ ଅତି କମରେ୪୦ ରୁ ୫୦ ଜଣ ଏକାଠି ହେଉଥିଲେ । ତା'ସହିତ ଗ୍ରାମର ଓ ବନ୍ଧୁଘରର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ନିମନ୍ତ୍ରିତ କରି ସାମିଲ କରାଯାଉଥିଲା । ନୂଆ ଖାଇବା ପାଇଁ ଘରର ସମସ୍ତେ ଏକ ସ୍ଥାନରେ ବସୁଥିଲା । ଛୋଟ ଛୁଆଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ଏଥିରେ ସାମିଲ ହୁଅନ୍ତି ।ଘରର ମୁରବୀ ଘରେ ପୂଜା ହେଉଥିବା ଦେବାଦେବୀଙ୍କ ଠାରେ ନୂଆ ଚାଉଳ ଭୋଗଲାଗି କରିବା ପରେ ମନ୍ତ୍ର ଉଚ୍ଚାରଣ କରୁଥିଲେ ଓ ନୂଆ ଚାଉଳ ମୁଣ୍ଡରେ ମାରି ' ଏଇମିତି ସବୁଦିନ ମିଳୁ ଥାଉ 'ବୋଲି କହି ପ୍ରଥମେ ଖାଉଥିଲେ । ତା'ପରେ ସମସ୍ତେ ନୂଆ ଚାଉଳ ମୁଣ୍ଡରେ ମାରି ଏକ ସଙ୍ଗରେ ନବାନ୍ନ ଭକ୍ଷଣ କରୁଥିଲେ । ଏକ ସମୟ ଥିଲା ନବାନ୍ନ ଭକ୍ଷଣ ପରେ ଜୁହାର ଭେଟରେ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଏକାନ୍ନବର୍ତ୍ତୀ ପରିବାରର ବାଳକ ବାଳିକାମାନେ ଆନନ୍ଦ ଉପଭୋଗ କରିବା ସହ ସୁରକ୍ଷିତ ଓ ଶୃଙ୍ଖଳିତ ମଧ୍ୟ ରହୁଥିଲେ । ଶିଶୁମାନଙ୍କ ଚରିତ୍ର ଗଠନ, ଅନୁଶାସନ ଓ ମାର୍ଗଦର୍ଶନରେ ଏହା ସହାୟକ ହେଉଥିଲା । ତେବେ ଜୁହାର ଭେଟ ଏବେ ଔପଚାରିକତାରେ ରହିଯାଇଛି । ଫେସବୁକ ତଥା ହ୍ୱାଟସଅପ୍ ମାଧ୍ୟମରେ ଲୋକେ ଜୁହାର୍ କରୁଛନ୍ତି ।ଅନ୍ୟପକ୍ଷରେ ନୂଆଖାଇ ଭେଟଭାଟ୍ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିଣତ ହୋଇଛି । ଓଡ଼ିଶାର ପଶ୍ଚିମାଞ୍ଚଳର ପ୍ରମୁଖ ଗଣପର୍ବ ନୂଆଖାଇ ଆଉ ସୀମିତ ହୋଇ ରହିନାହିଁ । ମୁମ୍ବାଇ , ଦିଲ୍ଲୀ, ଚେନ୍ନାଇ , ହାଇଦ୍ରାବାଦ, ବେଙ୍ଗାଲୁରୁ ସହିତ ସୁଦୂର ଦୁବାଇ , କାନାଡା , ନ୍ୟୁୟର୍କ, ଲଣ୍ଡନ ଆଦିରେ ବସବାସ କରୁଥିବା ପ୍ରବାସୀ ଓଡିଆମାନେ ଦେବାଦେବୀଙ୍କୁ ଭୋଗ ଅର୍ପଣ କରି ନୂଆଖାଇ ପାଳନ କରୁଛନ୍ତି । ଏଥିରେ ରହିଛି ପଶ୍ଚିମ ଓଡ଼ିଶାର ସଂସ୍କୃତି ତଥା ଆମ ମାଟିର ଗନ୍ଧ । ତେବେ ଚାଷ ଓ ଚାଷୀର ବଜାର ତଥା ଅନ୍ୟ ସମସ୍ୟାର ସମାଧାନ ହେଉନଥିବାରୁ କୌଳିକ ବୃତ୍ତି ଛାଡି ଚାଷୀ ପରିବାର ସହରାଭିମୁଖୀ ହେଉଛନ୍ତି ।ଦାଦନ ଖଟିବାକୁ ଯାଉଛନ୍ତି ଚାଷୀପୁଅ । ନୂଆଖାଇର ସ୍ୱରୂପ ବଦଳିବା ସହ ଆଗାମୀ ଦିନରେ ଏହା ସହରାଞ୍ଚଳରେ ସୀମିତ ହୋଇ ରହିଯିବାର ଆଶଙ୍କା ଦେଖାଦେଇଛି । ଅତଏବ ଏହି ପରମ୍ପରାର ଅନନ୍ୟ ଉତ୍ସାହ ଉଦ୍ଦୀପନା ଆଜି ହଜି ଯାଉଥିବା ଦେଖାଯାଉଛି ।

କେଶରପୁର ,
ବକ୍ସି ବଜାର , କଟକ
ମୋ-୭୯୭୮୧୫୧୭୧୦.

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

## ବୋତଲମା ଓ ହଜରେ ରକ୍ତଦାନ ଶିବିର , ୧୦୧ ୟୁନିଟ ରକ୍ତ ସଂଗୃହୀତ

ଖୋର୍ଦ୍ଧା,(ପି.ଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ଗ୍ରାମ ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହଜ ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସୋମବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ର ପ୍ରତିନିଧି,ଯୁବ, ଛାତ୍ର,ମହିଳା ମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିର କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା,ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ । ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଶିବିର ଗୁଡ଼ିକୁ ଉଦ୍ଘାଟନ କରିଥିବା ବେଳେ ଉପସ୍ଥିତ ଥିଲେ ବେଗୁନିଆ ବ୍ଲକ ର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ,ଜିଲ୍ଲା ପରିଷଦ ସଭ୍ୟକ୍ଷ ତନୁଜା ପାଟସାଣୀ, ଆମ୍ଭା ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ସାହୁ, ସରପଞ୍ଚ ହଜ ଦମୟନ୍ତୀ ସାମନ୍ତରାୟ, ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ, ପୁଲକ୍ ବଡ଼ଜେନା, ସୁଧାକର ରାଉତରାୟ, ପ୍ରଣବ ରାୟ, ସର୍ବେଶ୍ୱର ମଙ୍ଗରାଜ,ବାବୁଲି ମହାରଣା, ପ୍ରଦୀପ ବେହେରା, ଗଙ୍ଗାଧର ବେହେରା, ଦିବାକର ବାରିକ , ସୁବାସ ମହାନ୍ତି, ଶିଶିର ସାମନ୍ତରାୟ, ଲିଙ୍ଗରାଜ ସାହୁ , ଶାନ୍ତି ଲତା ରଣସିଂହ, ଜ୍ୟୋତିରଂଜନ ଖଡଙ୍ଗକ୍ଷ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ଦ୍ୱାରା ବୋତଲମା ଠାରେ ୫୦ ୟୁନିଟ ଓ ହଜ ଠାରେ ନୟାଗଡ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ବହୁ ମହିଳା ଏଥିରେ ରକ୍ତଦାନ କରିଥିଲେ ।

# ପାରାଦୀପ ମୁହାଁଣରେ ବୋଟ ବୁଡି,ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି



ପାରାଦୀପ,(ପି.ଏନ):ପାରାଦୀପ ନେହେରୁବଙ୍ଗଳା ନିକଟସ୍ଥ ମହାନଦୀ ମୁହାଁଣ ନିକଟରେରେ ଏକ ମାଛଧରା ବୋଟ 'ମା ବାସୁଳେଇ ଭରସା' ମଙ୍ଗଳବାର ଅପରାହ୍ନ ରେ ମାଛ ଧରି ମାଛଧରା ବନ୍ଦର କୁ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା । ଏଥିରେ ଥିବା ପାଖାପାଖି ୭ ରୁ ୮ ଜଣ ମତ୍ସ୍ୟଜୀବି ଥିଲେ । ଏହି ଦୁର୍ଘଟଣା ରେ ତିନିଜଣ ଉଦ୍ଧାର ହୋଇଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବି ମାନେ ଉଦ୍ଧାର କାର୍ଯ୍ୟ ପାଇଁ ଚେଷ୍ଟା ଜାରି ରଖିଥିବା ଜଣାପଡିଛି । ଏହି ବୋଟର ମାଲିକଙ୍କ ନାମ ଚକ୍ରଧର ବିଶ୍ୱାଳ ବୋଲି ଜଣାପଡିଛି । ତେବେ ଦୁର୍ଘଟଣା କୁ ଦୀର୍ଘ ଘଣ୍ଟା ବିତିଯାଇଥିଲେ ମଧ୍ୟ କୌଣସି ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ଘଟଣା ସ୍ଥଳରେ ପହଞ୍ଚି ନଥିବା ଅଭିଯୋଗ ହୋଇଛି ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ୍ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## କେନାଲରେ ଭାସି ଯାଇ ବୃଦ୍ଧାଙ୍କ ମୃତ୍ୟୁ

ମୁଖୀଗୁଡା,(ପି.ଏନ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ତାଳଗୁଡ଼ ରାସ୍ତା ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲ କୁମାରପଡା ଗେଟ ନିକଟରେ ଜଣେ ମହିଳାଙ୍କ ମୃତ ଦେହ କେନାଲ ପାଣିରେ ଭାସି ଆସିଥିବା ଦେଖିବାକୁ ମିଳିଥିଲା ।ଖବର ପାଇ ଜୟପାଟଣା ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣା ସ୍ଥଳ ରେ ପହଂଚି ଶବ ଉଦ୍ଧାର କରିଥିଲେ । ମଙ୍ଗଳପୁର ଗ୍ରାମର ଧନେ ଚଲାନ(୭୦) ଆଜି ସକାଳେ ପାଖରେ ଥିବା ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲ କୁ ଗାଧୋଇବାକୁ ଯାଇଥିଲେ । ସେଠାରେ ତାଙ୍କର ପାଦ ଖସିଯିବା ଫଳରେ କେନାଲ ପାଣି ସୁଅରେ ଭାସି ଯାଇଥିଲେ ।ପୋଲିସ ଶବ ଜବତ କରି ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି ।




## ବିନିକା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୩୦ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୪ ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି।

## ଫସ୍‌ଫରିକ୍ ଏସିଡ୍ ଉତ୍ପାଦନରେ ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ

ପାରାଦୀପ (ପିଏନ୍)- ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି ।। ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

### ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷ ପରିସରରେ ସଭାପତି କହ୍ନାଇ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପକାନ୍ତ ମଲ୍ଲିକ, ସରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରା, ଜଗନ୍ନାଥ ଧଳ, ବିରଜା ସ୍ୱାଇଁ, ଗଦାଧର ରାଉତରା, ନବକିଶୋର ଦାସ ଉତ୍କଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବିହାରୀ, କରୁଣାକର ନାୟକ, ସୁପ୍ରଭା ନାୟକ, ଅଜୟ କୁମାର ଦାସ, ବୃନ୍ଦାବନ ମିଶ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପାଣ୍ଡବ ଚରଣ ସାହୁ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍.ଏନ୍.ସି.ୟୁରେ ତା୦୮.୦୪.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭଞ୍ଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି ଏବଂ ଏସ୍.ଏନ୍.ସି.ୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

## ସୁନାହାର ଫେରାଇଲେ ସ୍ୱେଚ୍ଛାସେବୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତରେ ଚାଲିଥିବା ବାରୁଣୀ ମେଳାରେ ବୁଡ ପକାଇବାକୁ ଆସିଥିବା ଜଣେ ମହିଳାଙ୍କ ହଜିଯାଇଥିବା ସୁନାହାର ଫେରାଇ ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କୁ ପୋଲିସ ପ୍ରଶାସନ ଓ ଜନସାଧାରଣ ବେଶ ପ୍ରସଂଶା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ ଇନ୍ଦୁପୁରକୁ ବାରୁଣୀ ବୁଡ଼ ପକାଇବାକୁ ଭଦ୍ରକ ଧାମନଗରୁ ସନ୍ଧ୍ୟାରାଣୀ ନାୟକ ନାମକ ଜଣେ ମହିଳା ଆସିଥିଲେ। ସନ୍ଧ୍ୟାରାଣୀଙ୍କ ବାପଘର ନିକିରାଇରେ ହୋଇଥିବା ବେଳେ ତାଙ୍କ ଶାଶୁଘର ଭଦ୍ରକରେ। ବାରୁଣୀ ବୁଡ଼ ପାଇଁ ସେ ବାପ ଘରକୁ ଆସିଥିଲେ। ସେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ବେଳେ ତାଙ୍କ ସୁନାହାର କେଉଁଆଡେ ହଜି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ମେଳାରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଏକ ସୁନାହାର ପାଇଥିଲେ। ଏହାକୁ ନେଇ ସେ ସ୍ଥାନୀୟ ପୋଲିସକୁ ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହେରାଙ୍କ ଉପସ୍ଥିତିରେ ସୁନାହାର ହଜିଥିବା ମହିଳା ତାଙ୍କ ସୁନାହାର ଫେରି ପାଇଥିଲେ। ଏ ନେଇ ଏସ୍‌ଡିପିଓ ଗୌତମଙ୍କୁ ବେଶ ପ୍ରସଂଶା କରିଥିଲେ। ଗୌତମଙ୍କ ଏହି କାର୍ଯ୍ୟକୁ ସମାଜିକ ଗଣମାଧ୍ୟମରେ ବେଶ ପ୍ରସଂଶା କରାଯାଇଛି।

### ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ପୂର୍ଣ୍ଣାହୂତି ଓ ପ୍ରବଚନ

ଯାଜପୁର (ପିଏନ୍): ଯାଜପୁରର ରାମବାଗ ଛକସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ଦୀର୍ଘ ୫ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ନାରିକେଳ ଓ ଘୃତ ଯଜ୍ଞକୁଣ୍ଡରେ ପ୍ରଦାନ କରିଥିଲେ। ଆଶ୍ରମର ମଠାଧିଶ ଗୟାବାବା ସମସ୍ତ ଭକ୍ତମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିବା ନିମନ୍ତେ ଯଜ୍ଞକୁଣ୍ଡରେ ସହସ୍ରାଧିକ ଆହୂତ ମନ୍ତ୍ରଉଚ୍ଚାରଣ ପୂର୍ବକ ଦାନ କରିଛନ୍ତି। ଅନନ୍ତ ବାସୁଦେବଙ୍କର ବଡ଼ସିଂହାର ବେଶ ଓ ଘୋଡଣ ଉପଚାର ପୂଜା, ଭଜନ କୀର୍ତ୍ତନ, ଆଳତୀ ସହ ଶହ ଶହ ଭକ୍ତମାନଙ୍କ ଗହଣରେ ଯଜ୍ଞକର୍ମ ଶେଷ କରାଯାଇଛି। ଏହି ଅବସରରେ ପଣ୍ଡିତ ହୃଷୀକେଶ ପତିଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରବଚନରେ ବିଶିଷ୍ଟ ମାଳିକାକାର ଡା. କାହ୍ନୁ ଚରଣ ମିଶ୍ର ଯୋଗଦେଇ ମାଳିକାରେ ବର୍ଣ୍ଣିତ କଳିଯୁଗର ଶେଷ ପ୍ରାନ୍ତରେ ପୃଥିବୀରେ ଯୁଦ୍ଧର ଘନଘଟା, ପରସ୍ପର ମଧ୍ୟରେ ବିଦ୍ୱେଷ, ନାନାଦି ରୋଗରେ ପୃଥିବୀର ସମସ୍ତ ରାଷ୍ଟ୍ରର ଅଧିବାସୀମାନେ ପ୍ରପୀଡ଼ିତ ହେବା ସହ ସତ୍ୟଯୁଗର ଆଗମନରେ ଅନନ୍ତ ବାସୁଦେବଙ୍କର ଶରଣ ନିମନ୍ତେ ପ୍ରାର୍ଥନା କରିବାକୁ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ବିରଜାକ୍ଷେତ୍ରର ମହିମା ଓ ତାତ୍ପର୍ଯ୍ୟ, ସୁଧର୍ମା ସଭା ଓ ମୁନିଋଷିମାନଙ୍କର ଯାଜପୁର କ୍ଷେତ୍ରକୁ ଆଗମନ ତଥା ଜଗନ୍ନାଥ ସଂସ୍କୃତି ସହ ବିରଜାକ୍ଷେତ୍ର ସଂସ୍କୃତିର ସମନ୍ୱୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟ ଠାରୁ ଆଶ୍ରମର ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ୧୦୮ ପୂର୍ଣ୍ଣ କୁମ୍ଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ସମସ୍ତ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସର୍ବଶ୍ରୀ ନିରାକାର ସାହୁ, ମନୀଷା ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଣ୍ଡିତ ଲମ୍ବୋଧର ପାଢ଼ୀ, ମୁଖ୍ୟ ପୁରୋଧା ଭାବେ ଯଜ୍ଞକାର୍ଯ୍ୟ ଓ ପୂର୍ଣ୍ଣାହୂତ ସମାପନ କରିଥିଲେ।

## ପୋଷଣ ଅଭିଯାନ ୨୦୨୨ର ସଚେତନତା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)- ଭାରତ ସରକାର ଆରମ୍ଭ କରିଥିବା ପୋଷଣ ଅଭିଯାନ ୨୦୨୨ର ସଚେତନତା ବାର୍ତ୍ତା ବାଂଟିବା ଏବଂ ନିଶୁଳ୍କ ଆୟୁଷ ସ୍ୱାସ୍ଥ୍ୟ ଶିବିର ଖୋରଧା ବ୍ଲକ୍ କୁରାଢମଲ୍ଲ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ହୋମିଓପ୍ୟାଥି ଏବଂ ଆର୍ଯ୍ୟୁବେଦ ଚିକିତ୍ସା ଅଧିକାରୀ ପୂର୍ବାଚଂଳ ମଣ୍ଡଳ ଭୁବନେଶ୍ୱର ତରଫରୁ ଆୟୋଜିତ ଏବଂ ଜାତୀୟ ଆୟୁଷ ମିଶନ ଭାରତ ସରକାର ଏବଂ ଆୟୁଷ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୁରାଢମଲ୍ଲ ଗ୍ରାମପଂଚାୟତର ସରପଂଚ ଶ୍ରୀରାମ ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାଧିକାରୀଣୀ ଡ଼ାକ୍ତର ବନଶ୍ରୀ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ହେମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ସୁମନା କୁମାରୀ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଆର୍ଯ୍ୟୁବେଦ ଚିକିତ୍ସାଧିକାରୀ ଡ଼ାକ୍ତର ରେଣୁପ୍ରଭା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଗର୍ଭବତୀ ମହିଳା ସ୍ତନ୍ୟପାନ କରାଉଥିବା ମା', କିଶୋରୀ ବାଳିକା ଏବଂ ଶିଶୁ ମାନଙ୍କର ରକ୍ତହୀନତାର ପ୍ରତିରୋଧ ଏବଂ ଚିକିତ୍ସା ନିମନ୍ତେ ଆୟୁଷ ତଥା ହେମିଓପ୍ୟାଥି ଆର୍ଯ୍ୟୁବେଦର ଭୂମିକା ଶିର୍ଷକ ଆଲୋଚନା କରି ରୋଗୀମାନଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଂଟିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରାଜ୍ୟର ସୁନାମ ଧନ୍ୟ ହୋମିଓପ୍ୟାଥି ଡ଼ାକ୍ତର ଆଭାମୟୀ ନାୟକ ଡ଼ାକ୍ତର ଅରୁଣ କୁମାର ମଲ୍ଲିକ, ଡ଼ାକ୍ତର ଚିନ୍ମୟୀ ସାହୁ ଓ ସ୍ଥାନୀୟ କୁରାଢ ମଲ୍ଲର ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ନିବେଦିତା ମିଶ୍ର, ଆର୍ଯ୍ୟୁବେଦର ଡ଼ାକ୍ତର ସୁବ୍ରତ ଛୋଟରାୟ, ଡ଼ାକ୍ତର ସୁଶାନ୍ତ ବିଶୋୟି, ଡ଼ାକ୍ତର ଧନେଶ୍ୱର ସାହୁ ପ୍ରମୁଖଙ୍କ ଦ୍ୱାରା ରୋଗୀମାନଙ୍କୁ ପରୀକ୍ଷା କରାଯାଇ ଆର୍ଯ୍ୟୁବେଦୀ ଓ ହୋମିଓପ୍ୟାଥି ଔଷଧ ମାଗଣାରେ ବଂଟନ କରାଯାଇଥିଲା। ସ୍ଥାନୀୟ ସମାଜ ସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଶ୍ରୀରଂଜନ ମଙ୍ଗରାଜ, ଗଣେଶ୍ୱର ପରିଡ଼ା, କୈଳାସ ଚନ୍ଦ୍ର ସାମନ୍ତରାୟ, ଦୀପକ ବଳିଆରସିଂହଙ୍କ ସଯୋଗ ଏବଂ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଦିନିକିଆ ଶିବିରରେ ହୋମିଓପ୍ୟାଥି ସହକାରୀ ପ୍ରଭଞ୍ଜନୀ ପାତ୍ର, ରଶ୍ମିତା ସ୍ୱାଇଁ କେଳୁଚରଣ ମାପିସ୍ଥ ଏବଂ ଆର୍ଯ୍ୟୁବେଦ ସହକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ହିମାଙ୍ଗୀନି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କୁରାଢମଲ୍ଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇଥିଲେ।

## ଆଇଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟି ପକ୍ଷରୁ ଡାକ୍ତର ଅର୍ଚ୍ଚନାଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତିବାଦ



କଟକ (ପିଏନ୍): କେବଳ ଓଡ଼ିଶାରେ ନୁହେଁ ସର୍ବଭାରତୀୟ ସ୍ତରରେ ଲୋକମାନଙ୍କ ପାଇଁ ଯେତିକ ଡାକ୍ତର ରହିବା କଥା ସେତିକ ସମ୍ଭବ ହୋଇପାରୁନାହିଁ ଏବଂ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବାଧ ହୋଇ ସେମାନେ ଅନ୍ୟତ୍ର ଚାଲିଯାଉଛନ୍ତି। ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିସରରେ ଆଇଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ମିଳିତ ଆୟୋଜନରେ ସଭାପତି ଡାକ୍ତର ରଜତ ରାୟ, ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ସର୍ବଭାରତୀୟ ସଭାପତି ଡାକ୍ତର ଏନ୍. ରାଜୁ, ସାଧାରଣ ସମ୍ପାଦକ ଡାକ୍ତର ଅରବିନ୍ଦ ବ୍ରହ୍ମା, ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା, ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ, ସାଧାରଣ ସମ୍ପାଦକ ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, କୋଷାଧ୍ୟକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସଭ୍ୟ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଡାକ୍ତର ଜନ୍ମେଜୟ ମହାପାତ୍ର, ଡାକ୍ତର ଦେବ ପ୍ରସାଦ ମହାନ୍ତି ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

# DISPLAY CLASSIFIED


FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ନବନିର୍ବାଚିତ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ପଞ୍ଚାୟତର ଉନ୍ନତି ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ସହ ମିଶି କାମ କରିବି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ବଢି ଚାଲିଛି। ତେଣୁ ଯେଉଁ ପଞ୍ଚାୟତରେ ପାନୀୟ ଜଳର ଅଭାବ ଥିବ ସେହି ପଞ୍ଚାୟତଗୁଡିକରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ପଞ୍ଚାୟତ ଗୁଡିକରେ ଥିବା ରାସ୍ତା ସମସ୍ୟା, ଷ୍ଟ୍ରୀଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ଏଥିସହ ପଞ୍ଚାୟତଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, କୁତରଙ୍ଗ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ, ଜିଲ୍ଲା ଏସ୍‌ସି ସେଲ ସମ୍ପାଦକ ମାନସ ସେଠୀ ଓ ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

### ସାପ କାମୁଡାରେ ବାଳିକାର ମୃତ୍ୟୁ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋସ୍ନାରାଣୀ ସେଠୀର ସାପ କାମୁଡାରେ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜ୍ୟୋସ୍ନାରାଣୀ ସେଠୀ(୧୨) ଘର ଅଗଣାରେ ପରିବାରର ୪ଜଣ ସଦସ୍ୟଙ୍କ ସହ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳେ ଏକ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଏକଥା ଜଣାପଡିବା ପରେ ତାଙ୍କୁ ସଂଗେ ସଂଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକା ଶବ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାଳ ମାଳ ଇଟାଭାଟି, ପ୍ରଶାସନର ନିଘା ନାହିଁ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ମାଳ ମାଳ ବେଆଇନ ଇଟାଭାଟି । ପ୍ରଶାସନର ଏଥିପ୍ରତି ନିଘାନାହିଁ । ଯିଏ ଯେଉଁଠି ପାରିଲା ମନଇଛା ଇଟାଭାଟି କରୁଛି । ଅସାଧୁ କର୍ମଚାରୀଙ୍କ ମୁନାଫାଖୋର ମନୋଭାବ ପାଇଁ ଗ୍ରାମାଞ୍ଚଳରେ ଇଟା ବ୍ୟବସାୟ ଏବେ କୁଟୀର ଶିଳ୍ପ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ପ୍ରଶାସନର ଅନୁମତିକ୍ରମେ ଜନବସତି ଠାରୁ ଏକ କିମି ଦୂରରେ ଏବଂ ଶୀତଦିନେ ଇଟାଭାଟି ହେବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସମସ୍ତ ନୀତି ନିୟମକୁ ଦଳିମକଚି ଗାଁ ମଝିରେ କିମ୍ବା ଜନବସତିର ଅତି ନିକଟରେ ଇଟାଭାଟି କରୁଛନ୍ତି । ଏପରିକି କିଛି ବ୍ୟକ୍ତି ନିଜ ଘରବାଡି ନିକଟରେ ଇଟାଭାଟି କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ତାପମାତ୍ରା ୪୦ଡିଗ୍ରି ଛୁଇଁଲାଣି । ଖରା ଗରମ ଅସହ୍ୟ ହେଉଥିବା ବେଳେ ଦିନରାତି ଇଟାଭାଟି ଜଳୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଧିକ କଷ୍ଟଦାୟକ ହୋଇଛି । କେତେକ ପ୍ରଶାସନକୁ ଚକ୍‌ମା ଦେଖାଇ ବିନା ଅନୁମତିରେ ଭାଟି ଲଗାଇଥିବା ବେଳେ ଆଉ କିଛି ବେପାରୀ ନିଜ ଘର ପାଇଁ ଇଟା ତିଆରି କରିବେ ବୋଲି ତହସିଲରୁ ସାମୟିକ ଅନୁମତି ଆଣି ବେଧଡକ ଭାବେ ଇଟା ବେପାର କରୁଛନ୍ତି । ତେବେ ଇଟା ତିଆରି ପାଇଁ ରାଜସ୍ୱ ପୈଠ କରିବା ପରେ ନିୟମାନୁସାରେ ନିଜସ୍ୱ ଜମିରୁ ଚୁକ୍ତି ମୁତାବକ ଆବଶ୍ୟକ ପରିମାଣର ମାଟି ବ୍ୟବହାର କରାଯିବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସର୍ବସାଧାରଣ ବ୍ୟବହାର କରୁଥିବା ସରକାରୀ ଜମିରୁ ମନଇଛା ମାଟି ଖନନ କରି ସମତଳ ଜମିକୁ ପୋଖରୀ, ଗଡିଆ କରି ଦେଉଛନ୍ତି । ସେହିପରି ନିକଟସ୍ଥ ନଦୀନାଳରୁ ବାଲି ଚୋରାରେ ଆଣି ବ୍ୟବହାର କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଇଟା ବେପାରୀ ମାଲାମାଲ୍ ହେଉଛନ୍ତି । ଅନେକ ସମୟରେ ଏସବୁ ସ୍ଥାନରେ ଛୋଟବଡ ଅଘଟଣ ମଧ୍ୟ ଘଟୁଛି । ଗୋରୁଗାଈ ଖାଲରେ ପଡି ମୃତାହତ ହେଉଛନ୍ତି । ଏପରିକି ମାଫିଆମାନେ ଗୋଚର, ଶ୍ମଶାନ ଓ ଦେବୋତର ଜମିକୁ ଜବରଦଖଲ କରି ମାଟି ଉଠାଉଛନ୍ତି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ୮ମାସ ଇଟାଭାଟି କରାଯାଉଛି । ବିଶେଷ କରି ଏହି ବେଆଇନ ବେପାର ସ୍ଥାନୀୟ ଅଭୟପୁର, ମଙ୍ଗରାଜପୁର, ବମ୍ଭୁ, ରତନପୁର, ନୀଳାଦେଇପୁର, ଡେରାବର, ପାଟପୁର, ପଲାର ମୌଜା ସମେତ ବିଭିନ୍ନ ଗାଁ ଗହଳିରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ସଂପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏହି ବେଆଇନ ବେପାରକୁ ରୋକା ଯିବା ସମ୍ଭବ ହେଉନାହିଁ । ନିକଟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ମଙ୍ଗରାଜପୁର ଗ୍ରାମର ଏକ ଇଟା ଭାଟିରେ ଚଢ଼ଉ କରିଥିଲେ ହେଁ, ଏହା ଇଟା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଏଥିପ୍ରତି ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday September 20, 2023 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୨୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବାଲିଉପର ଗାଁ ମୁଣ୍ଡ ନିକଟରେ ଭୁଷୁଡିଲା ଭାର୍ଗବୀ ନଦୀବନ୍ଧ



ପୁରୀ,(ପି.ଏନ):ଭାର୍ଗବୀ ନଦୀର ଦକ୍ଷୀଣ ପାର୍ଶ୍ୱ ବନ୍ଧର ବାଲିଉପର ଗାଁ ମୁଣ୍ଡରେ ପ୍ରାୟ ୫ମିଟରରୁ ଉର୍ଦ୍ଧ ବନ୍ଧ ଦ୍ୱିତୀୟ ବନ୍ୟା ଜଳ ପ୍ରଭାବରେ ଭୁଷୁଡି ପଡିଛି। ପ୍ରାୟ ୬ମାସ ପୂର୍ବେ ନଦୀ ବନ୍ଧ ସୁଦୃଢ ପାଇଁ ବ୍ୟୟ କରାଯାଇଥିବା ୫୦ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣ ଲୋକେ ସୂଚନା ଦେଇଛନ୍ତି। ଏହି ବନ୍ଧ ସୁଦୃଢିକରଣ କାର୍ଯ୍ୟ ଦାଇତ୍ୱରେ ଥିବା ସହକାରୀ ଯନ୍ତ୍ରୀ,ପୂର୍ବତନ ସାକ୍ଷୀଗୋପାଳ ଜଳସମ୍ପଦ ସବ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ଠିକାଦାର ମିଳିମିଶି ହାତ ଚିକ୍‌ଣ କରି ନିମ୍ନମାନର କାର୍ଯ୍ୟ କରିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଭୁଷୁଡିବା ସ୍ଥାନରେ ଦାଇତ୍ୱରେ ଥିବା ରୂପଦେଇପୁର ଜଳସମ୍ପଦ ସେକ୍ସନର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦୋରା ସର୍ବ ସାଧାରଣରେ ପୁରୀ ଜଳସମ୍ପଦ ଡିଭିଜନ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିଥିବା ଭିଡିଓ ଭାଇରାଲ ହେବା ସହ ସ୍ଥାନୀୟ ଅ ଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଯୋଗ୍ୟ,ଗତ ୬ମାସ ପୂର୍ବେ ଭାର୍ଗବୀ ନଦୀର ଦକ୍ଷୀଣ ପାର୍ଶ୍ୱ ନଦୀ ବନ୍ଧର ସୁଦୃଢିକରଣ ପାଇଁ ପ୍ରାୟ ୫୦ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ପଥର ପ୍ୟାକିଂ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଚଳିତ ବର୍ଷ ଦ୍ୱିତୀୟ ବନ୍ୟା ଜଳ ଭାର୍ଗବୀରେ ପ୍ରବେଶ କରିବା ପରେ ସରସ୍ୱତୀପୁର ପ ାୟତର ବାଲିଉପର ଗାଁ ମୁଣ୍ଡରେ ଉକ୍ତ ପଥର ପ୍ୟାକିଂ ଭୁଷୁଡି ପଡିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହେବା ସହ ପିପିଲି ଏବଂ ସତ୍ୟବାଦୀ ଅ ଳର ଅନେକ ତଳିଆ ଅ ଳ ବୁଡିଯିବାର ଭୟ ଘାରିଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ପୁରୀ ଜଳସମ୍ପଦ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳେଇ ଏବଂ ଭୁବନେଶ୍ୱର ଜଳସମ୍ପଦ ବିଭାଗର ସହକାରୀ ମୁଖ୍ୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ପରେ ପଥର ପ୍ୟାକିଂ ଭୁଷୁଡିବା ସ୍ଥାନକୁ ଯୁଦ୍ଧକାଳୀନ ଭିତିରେ ତୁରନ୍ତ ମରାମତି କରିବା ପାଇଁ ପ୍ରତିଶ୍ରୁତି ଦେଇ ଫେରି ଯାଇଥିଲେ। କିନ୍ତୁ ଉକ୍ତ ସ୍ଥାନରେ ରୂପଦେଇପୁର ସେକ୍ସନର ଦାଇତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଘଟଣା ସ୍ଥଳରେ ସର୍ବ ସାଧାରଣରେ ପୁରୀ ଜଳସମ୍ପଦ ଡିଭିଜନ ପ୍ରତି ଅଶାଳୀନ ମନ୍ତବ୍ୟ ଦେଉଥିବାର ଭିଡିଓରେ ଦେଖିବାକୁ ମିଳିଥିଲା। ଯାହାର ଭିଡିଓ ଭାଇରାଲ ହେବା ପରେ ବର୍ତମାନ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦୋରା ହରଡଘଣାରେ ପଡିଥିବା ବେଳେ,ତୁରନ୍ତ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ଜଳସମ୍ପଦ ବିଭାଗକୁ ଟ୍ୱିଟ ମାଧ୍ୟମରେ ଅଭିଯୋଗ କରିବା ସହ ସହକାରୀ ମୁଖ୍ୟ ଯନ୍ତ୍ରୀ ବିଘ୍ନରାଜ ପୁରୋହିତଙ୍କୁ ମଧ୍ୟ ଅଭିଯୋଗ କରାଯାଇଥିବାର ସୂଚନା ମିଳିଛି। ଲୋକଙ୍କ ଜୀବନ ଜୀବିକା ପ୍ରତି ଆତଙ୍କ ସୃଷ୍ଟି କରିଥିବା ତଥା ଜଳସମ୍ପଦ ଡିଭିଜନ ପ୍ରତି ସର୍ବ ସାଧାରଣରେ ଅଶାଳୀନ ମନ୍ତବ୍ୟ ପ୍ରଦାନ କରିଥିବା ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ବିଭାଗୀୟ କର୍ତୃପକ୍ଷ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ ପାଇଁ ସାଧାରଣ ଲୋକେ ଦାବି କରିଛନ୍ତି।

# ସାପ କାମୁଡାରେ ଯୁବକଙ୍କ ମୃତ

ଶେରଗଡ଼ (ପି.ଏନ ): ଶେରଗଡ ବ୍ଲକ ଓ ହିଞ୍ଜିଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ରେ ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚ଼ନା ଅନୁସାରେ ନରେନ୍ଦ୍ରପୁର ଗ୍ରାମର ବାଞ୍ଛା ପ୍ରଧାନଙ୍କ ପୁଅ ଟୁଲୁ ପ୍ରଧାନ( ୩୦) ଆଜି ଅପରାହ୍ନରେ ବିଲକୁ କୌଣସି କାମରେ ଘରୁ ବାହାରିଥିଲେ । ନିଜ ବିଲରେ କାମ କରୁଥିବା ସମୟରେ ହଠାତ ସାପ କାମୁଡା ର ଶିକାର ହୋଇଥିଲେ । ଏହା ଫଳ ରେ ସେ ସେଠାରେ ହିଁ ଅଚେତ ହୋଇପଡିଥିଲେ । ପାଖ ବିଲରେ କାମ କରୁଥିବା ଗ୍ରାମର କିଛି ଯୁବକ ଦେଖି ସଙ୍ଗେ ସଙ୍ଗେ ତାଙ୍କ ନିକଟକୁ ଯାଇଥିଲେ ଓ ପରେ ପରେ ଗୁରୁତର ଅବସ୍ଥାରେ ରେ ଗ୍ରାମ ଲୋକଙ୍କ ସାହାଯ୍ୟ ରେ ହିଞ୍ଜିଳି ଉପଖଣ୍ଡ ଚ଼ିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ସେଠାରେ ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଗଣେଶ ପୂଜା ପାଇଁ ଉତ୍ସବ ମୁଖର ବୃନ୍ଦାବାହାଲ ଗ୍ରାମ



ଗୋଲାମୁଣ୍ଡା,(ପି.ଏନ): ବ୍ଲକ ଅଧୀନସ୍ଥ ବୃନ୍ଦାବାହାଲ ଗ୍ରାମରେ ସର୍ବ ମଙ୍ଗଳା ଯୁଥ୍ କ୍ଲବ ଦ୍ୱାରା ପ୍ରତିବର୍ଷ ଭଳି ଗଣେଶ ପୂଜା ମହା ଆଡମ୍ବରରେ ଆୟୋଜନ ହୋଇଯାଇଛି । ପୂଜାର ପ୍ରଥମ ପର୍ଯ୍ୟାୟରେ ଗତ କାଲି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସମସ୍ତ ବୃନ୍ଦାବାହାଲ ଗ୍ରାମ ଉତ୍ସବ ମୁଖର ହେବା ସହ ଚ଼ାରିଆଡେ ଭକ୍ତିଭାବର ଲହରୀ ହେଖିବାକୁ ମିଳିଛି । ଏକ ଶୋଭାଯାତ୍ରାରେ ରେ ଶତାଧିକ ମାଆ ଓ ଭଉଣୀ ମାନେ ଗ୍ରାମର ବଡ ବନ୍ଧ ପୋଖରିରୁ ପବିତ୍ର ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଆଜି ଦ୍ୱିତୀୟ ଦିନରେ ଶୁଭ ମୁହୂର୍ତ୍ତ ଅନୁଯାୟୀ ପୂଜା ଆରମ୍ଭ ହୋଇଥିବା ବେଳେ ଭକ୍ତଙ୍କ ପାଇଁ କମିଟି ତରଫରୁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା ପୂଜା ସମସ୍ତ ହେବା ପର୍ଯ୍ୟନ୍ତ ପରବର୍ତ୍ତୀ ଦିନ ମାନଙ୍କରେ ସନ୍ଧ୍ୟାରେ ଦିବ୍ୟ ଆଳତି ପରେ ବିଭିନ୍ନ ବ୍ୟଞ୍ଜନର ଭୋଗ ବ୍ୟବସ୍ଥା ଥିବାର କମିଟି ତରଫରୁ ସୂଚ଼ନା ମିଳିଛି । ଏହା ସହ ପାଂଚ଼ ଦିନ ଧରି ଶ୍ରୀଗଣେଶଙ୍କ ପୁରାଣ ପାରାୟଣ ପଠନ କାର୍ଯ୍ୟକ୍ରମ ଓ ଗଣେଶ ପୂଜା ଏବଂ ନୂଆଖାଇ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଅଛି । ଚ଼ଳିତ ବର୍ଷ ପୂଜା କର୍ତ୍ତା ଭାବେ ଦିବ୍ୟ ସୁନ୍ଦର ରାଉତ ଓ ତାଙ୍କ ସହଧାର୍ମିଣୀ ପ୍ରିୟ ରାଉତ, ପୂଜକ ଭାବେ ପଞ୍ଚାନନ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି । ସର୍ବ ମଙ୍ଗଳା ଯୁଥ କ୍ଲବର ସମସ୍ତ ସଦସ୍ୟ ବୃନ୍ଦ ତଥା ଉପଦେଷ୍ଟା ହିମାଦ୍ରୀ ରାଉତ, ନବରତ୍ନ ରାଉତ, ଅଗ୍ନି ରାଉତ, ଭୁବନେଶ୍ୱର ରାଉତ, ଜଗତ ରାମ ରାଉତ, ପୁରିତ ରାଉତ, ଅଭିମନ୍ୟୁ ରାଉତ ପ୍ରମୁଖଙ୍କ ତତ୍ୱାବଧାନରେ ପୂଜା କମିଟିରେ ହେମନ୍ତ ରାଉତ, ସାମ୍ବାଦିକ ମାନସ ରଞ୍ଜନ ରାଉତ, ମହେଶ ରାଉତ, ବିକ୍ରମ ରାଉତ, ଜଗା ରାଉତ, ବିନୟ ରାଉତ, ୱାର୍ଡ ମେମ୍ବର ସୁନୀଲ ରାଉତ, ଦେବେନ୍ଦ୍ର ରାଉତ, ବିରେନ୍ଦ୍ର ରାଉତ, ନିରଞ୍ଜନ ରଣା, ଗିରିଜା ରାଉତ, ତ୍ରିଭୁବନ ରାଉତ ଓ ସମସ୍ତ କ୍ଲବ ସଦସ୍ୟଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି ।

# ମଦନ ମୋହନ ପ୍ରଧାନଙ୍କ ସମେତ ୧୦ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରଙ୍କ ଘରୁ ମାଟି ସଂଗ୍ରହ



ତାଳଚେର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବାସସ୍ଥାନ ଓ ସମସ୍ତଙ୍କ ଘରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯାଇ ଦିଲ୍ଲୀରେ ଅମୃତ ବାଟିକା ସ୍ଥାପନ କରାଯିବ ଏଥିପାଇଁ ସମସ୍ତ ଗ୍ରାମ ସହର ବୁଲି ମାଟି ସଂଗ୍ରହ ଚ଼ାଲିଛି ବୋଲି ଏନ ଏସ ଆଇ ସି ଡ଼ାଇରେକ୍ଟର କାଳନ୍ଦି ସାମଲ ପ୍ରକାଶ କରିଛନ୍ତି ।ଆଜି ସୋମବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରେ ଅମୃତ କଳସ ଯାତ୍ରା ତାଳଚେର ବ୍ଲକ କୁମୁଣ୍ଡା ପଞ୍ଚାୟତ ରେ ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀ ସାମଲ ଏଥିରେ ସାମିଲ ହୋଇ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ତଥା ଭାରତକୁ ବିଶ୍ୱଗୁରୁ କରିବା ପାଇଁ ପ୍ରୟାସ ବୋଲି ପ୍ରକାଶ କରିଛନ୍ତି। ଗ୍ରାମ ମନ୍ଦିର ରେ ପୂଜାର୍ଚ୍ଚନା କରାଯିବା ପରେ ଅମୃତ କଳସ ଯାତ୍ରା ଆରମ୍ଭ ହୋଇଥିଲା। କଳସ ମୁଣ୍ଡାଇ ଘର ଘର ବୁଲି ମାଟି ସଂଗ୍ରହ କରାଯାଇଥିଲା ।ଭବ୍ୟ ପରିବେଶରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଅମୃତ କଳସ ଯାତ୍ରାରେ ଘରକୁ ଘର ଯାଇ ମାଟି ଆଣିଥିଲେ। କୁମୁଣ୍ଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ ମଦନ ମୋହନ ପ୍ରଧାନ ଙ୍କ ସମେତ ସୁଦର୍ଶନ ପ୍ରଧାନ, ନାଥ ପ୍ରଧାନ, ନୃସିଂହ ସାହୁ,ପାଣ୍ଡବ ପ୍ରଧାନ, ସୁଦାମ ପ୍ରଧାନ,ପୂର୍ଣଚ଼ନ୍ଦ୍ର ପ୍ରଧାନ,ବୁଦ୍ଧିଆ ବେହେରା, ନୀଳମଣି ପ୍ରଧାନ,ମକା ସାହୁଙ୍କ ଘରକୁ ଯାଇ ତାଙ୍କ ଘରୁ ମାଟି ସଂଗ୍ରହ କରାଯିବା ସହ ସ୍ୱାଧୀନତା ସଂଗ୍ରାମୀ ପରିବାର ଙ୍କୁ ସମ୍ମାନିତ କରାଯାଇଥିଲା ।ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍ଘ, ଯୁବକ ସଙ୍ଘ, ବିଭିନ୍ନ ଅନୁଷ୍ଠାନ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବରିଷ୍ଠ ନେତା ବିରଞ୍ଚି ସାହୁ, ମଣ୍ଡଳ ସଭାପତି ରାଜେନ୍ଦ୍ର ସିଂହ,ଶ୍ରମିକ ନେତା ଅରୁଣ କୁମାର ପ୍ରଧାନ,ସୁବାସ ପ୍ରଧାନ, ଗୋପାଳି ସାହୁ,ପନଙ୍ଗ ଭୂଷଣ ବେହେରା,ପଂଚ଼ାୟତ ସଭାପତି ଦୀନବନ୍ଧୁ ସାହୁ ଙ୍କ ସମେତ ଶହ ଶହ ସଂଖ୍ୟାରେ ଜନ ସାଧାରଣ ଭବ୍ୟ ବାତାବରଣ ମଧ୍ୟରେ ଯାତ୍ରାରେ ଉପସ୍ଥିତ ଥିଲେ।

# ସେମିଳିଗୁଡାରେ ବିଶ୍ୱକର୍ମା ପୂଜା ପାଳିତ,ଚ଼ନ୍ଦ୍ରଯାନରେ ବିଶ୍ୱକର୍ମା ମେଢ଼



ପଟାଙ୍ଗି,(ପି ଏ ନ) : କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡି ସୁନାବେଡା ସିମିଳିଗୁଡା ସ୍ଥାନୀୟ ବିଦ୍ୟୁତ କାର୍ଯ୍ୟାଳୟ,ସତ୍ୟ ନଗର ଠାରେ ପ୍ଲମ୍ବର ଆସୋସିଏସନ ମିସ୍ତ୍ରୀ ସଂଘ କୈଳାସ ନଗର,ନନ୍ଦପୁର ପ୍ରଭୃତି ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି ।ସବୁଠାରୁ ଆକର୍ଷଣୀୟ ଚ଼ନ୍ଦ୍ରଯାନ ହୋଇଥିଲା। ନନ୍ଦପୁର ରୋଡ ସ୍ଥିତ ମହାରଣା ଗ୍ଲାସ ହାଉସର ଚ଼ନ୍ଦ୍ରଯାନ ମେଢ଼ ।ଦେବ ଶିଳ୍ପୀ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଦାମୋନଯୋଡି ନାଲକୋର ଉଭୟ ଖଣି ଓ ବିଶୋଧନ ପ୍ରକଳ୍ପର ବିଭିନ୍ନ ବିଭାଗରେ ଔପଚ଼ାରିକ ଭାବେ ଦେବ ଶିଳ୍ପୀ ଙ୍କ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ସେକ୍ଟର – ୧ ସ୍ଥିତ ଖୋଲା ପଡ଼ିଆରେ ବିଭିନ୍ନ ବିଭାଗ ପକ୍ଷରୁ ଅସ୍ଥାୟୀ ମଣ୍ଡପରେ ସାର୍ବଜନୀନ ପୂଜା ଆୟୋଜନ କରାଯାଇଛି । ବିଭିନ୍ନ ବିଭାଗ ପକ୍ଷରୁ ସୁସଜ୍ଜିତ ତୋରଣ ମାନ କରାଯିବା ସହିତ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳର ନମୁନା ପ୍ରଦର୍ଶୀତ କରାଯାଇଥିଲା । ଉକ୍ତ ନମୁନା ଗୁଡ଼ିକ ଆଗନ୍ତୁକ ଭକ୍ତ ଓ ଦର୍ଶକ ମାନେ ବେଶ୍ ଉପଭୋଗ କରୁଥିବା ଦେଖିବାକୁ ମିଳୁଛି । ପାଗ ଅନୁକୂଳ ଥିବା ଯୋଗୁଁ ଅହେତୁକ ଗହଳି ପରିଲକ୍ଷିତ ହୋଇଥିଲା । କରୋନା ମହାମାରୀ ପରେ ଚ଼ଳିତ ବର୍ଷ ଦାମୋନଯୋଡିରେ ସାର୍ବଜନିନ ବିଶ୍ୱକର୍ମା ପୂଜା ବେଶ୍ ଉତ୍ସାହର ସହ ଲୋକେ ଉପଭୋଗ କରୁଥିବା ପରିଲକ୍ଷିତ ହୋଇଥିଲା । ଅନୁ ରୂପ ଭାବେ ସୁନାବେଡାରେ ଇଲେକ୍ଟ୍ରିକାଲ ବିଭାଗ ଏବଂ ସେମିଳିଗୁଡାରେ ଭି ଦେବୋଷିଲପି ବିଶ୍ୱ କର୍ମାଙ୍କ ମୂର୍ତ୍ତିଗୋଡ଼ିବା ସହ ଚ଼ନ୍ଦ୍ରଯାନ ର ଦୃଶ୍ୟ ବୋହୁ ଆକର୍ଷଣେନୀୟ ହୋଇ ଥିଲା ,କୋରାପୁଟ ଜିଲ୍ଲାର ଶତାଧିକ ଭକ୍ତ ମାନେ ଦର୍ଶନ କରି ପ୍ରଶଂସା କରିଥିବା ଜଣାପଡ଼ିଛି।

# ସାମାନ୍ୟ ବର୍ଷାରେ କୃତ୍ରିମ ହ୍ରଦ ଜଳବନ୍ଦୀରେ ଗ୍ରାମବାସୀ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମ ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ୯ ନମ୍ବର ୱାର୍ଡ ଟି ସାମାନ୍ୟ ବର୍ଷାରେ ଜଳମଗ୍ନ ରହିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ମୁତାବକ ପ୍ରତିବର୍ଷ ବର୍ଷା ଋତୁରେ ସେମାନେ ଏକ ପ୍ରକାର ଜଳବନ୍ଦୀ ଜୀବନ ଜାପନ କରୁଛନ୍ତି। ଏହି ଜଳବନ୍ଦୀର ମୁଖ୍ୟ କାରଣ ହେଉଛି ଡ୍ରେନେଜ୍ ବ୍ୟବସ୍ଥା ହୋଇଥିବା ବେଳେ କୌଣସି ଜନପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। ବର୍ଷା ଋତୁ ଆରମ୍ଭ ରୁ ଶେଷ ଯାଏ ପ୍ରାୟ ୪ ମାସ ଧରି ଏହି ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗାଁ ଭିତର ରାସ୍ତା କଂକ୍ରିଟ ହୋଇଥିଲେ ମଧ ତାହା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣିରେ ଲହଡ଼ି ଖେଳୁଥିବାର ଦେଖିବାକୁ ମିଳିଛି। ପରିସ୍ଥିତି ଏମିତି ହୋଇଛି ପାନୀୟ ଜଳଯୋଗାଣ ପାଇଁ ବସା ଯାଇଥିବା ସରକାରୀ ଟ୍ୟାପ୍ ମଧ ପାଣି ଘେରରେ ରହିଛି। ମହିଳା ମାନେ ପିଇବା ପାଣି ଆଣିବାକୁ ଆଣ୍ଠୁଏ ପାଣିରେ ପଶି ଯିବାକୁ ପଡୁଛି ।ଏହି ପାଣି ଭିତରେ ପଶି ଛୋଟ ଛୋଟ ପିଲା ମାନେ ସେହି ୱାର୍ଡରେ ଥିବା ଅଙ୍ଗନୱାଡ଼ି ସେଣ୍ଟର ଓ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ଯିବା ଆସିବା କରନ୍ତି। ଏହା ଦ୍ୱାରା ଛୋଟ ଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଥିବା ସହିତ ଗଛିତ ରହିଥିବା ଏହି ଆବର୍ଜନା ପାଣି ରେ ଯିବା ଆସିବା କରିବା ଦ୍ୱାରା ଗୋଡ଼ ବାଲି ଖାଇବା, କଣ ନଖା,ଗୋଡ଼ କୁଣ୍ଡେଇ ହେବା ଆଦି ଚ଼ର୍ମ ରୋଗ ଦେଖା ଦେବା ସହିତ ଅଧିକ ସଂକ୍ରମିତ ହେବାର ସମ୍ଭାବନା ରହିଛି। କିଛି ପରିବାର ନିଜ ଘରକୁ ବଡ଼ ବଡ଼ ପଥର ପକାଇ ଯିବା ଆସିବା କରୁଥିବା ଦେଖିବାକୁ ମିଳିଛି। ଆବର୍ଜନା ପାଣି ଦୁର୍ଗନ୍ଧ ହେଉଥିବା ରୁ ଲୋକ ମାନେ ଘରେ ଭଲରେ ଖାଇ ପିଇ ପାରୁ ନ ଥିବା ବେଳେ ଘରେ ସାପ, ବେଙ୍ଗ ପଶି ଯାଉଛନ୍ତି। ଯାହାକୁ ନେଇ ଲୋକେ ଭୟଭୀତ ହୋଇ ପଡୁଛନ୍ତି। ଏହି ୱାର୍ଡର ପ୍ରବେଶ ପଥ ୮ ନମ୍ବର ୱାର୍ଡ ରେ ମଧ ସାମାନ୍ୟ ବର୍ଷାରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଜ କୁ ନିଷ୍କାସନ କରିବାର ସ୍ଥାୟୀ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray